# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 August - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆଜିଠାରୁ ହେଲା ଆରମ୍ଭ

— ବିରୋଧିଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୪ଟା ଯାଏଁ ଗୃହ ମୁଲତବୀ

- ରାଜ୍ୟରେ ୨ ହଜାର ୯୮ଟି ହାତୀ ଏବଂ ୨୭ଟି ବାଘ ଅଛନ୍ତି ବୋଲି ଗୃହରେ ସୂଚନା ଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
- ଦେଶର ସମସ୍ତ କେନ୍ଦ୍ରୀୟ ହସ୍‌ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି
- ମଶା କାମୁଡାଜନିତ ରୋଗର ନିରାକରଣ ସମ୍ପର୍କରେ ଜନ ସଚେତନତା ପାଇଁ ଆଜି ପାଳନ କରାଯାଉଛି ବିଶ୍ୱ ମଶା ଦିବସ

ଏବଂ

- ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ବିଧାନସଭା ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆଜିଠାରୁ ଆରମ୍ଭ ହୋଇଛି । ଛାତ୍ରସଂସଦ ନିର୍ବାଚନ ଦାବି କରି କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୧୫ ମିନିଟ୍ ଚାଲିବା ପରେ ବାଚସ୍ପତି ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୂର୍ବତନ ସଦସ୍ୟ ସ୍ୱର୍ଗତଃ ସୁନ୍ଦର ମୋହନ ମାଝୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଛାତ୍ର ସଂସଦ ନିର୍ବାଚନ  ପ୍ରସଙ୍ଗ ଉଠାଇ ପ୍ରବଳ ହଟ୍ଟଗୋଳ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ଜଣେ କାର୍ଯ୍ୟରତ ଏଏସ୍ଓଙ୍କୁ ଆକ୍ରମଣ ଘଟଣାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରଶ୍ନ କରି ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ବାଚସ୍ପତି ପ୍ରଥମେ ୧୦ଟା ୪୧ରୁ ୧୧ଟା ୪୧ ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୧ରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ପରିସ୍ଥିତି ଜାରି ରହିଥିଲା।

ଏହି ହଟ୍ଟଗୋଳ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଗତ ୭ ତାରିଖରେ ଅନୁଷ୍ଠିତ ମନ୍ତ୍ରିମଣ୍ଡଳର ବୈଠକର ନିଷ୍ପତ୍ତି ସମ୍ପର୍କରେ ଗୃହକୁ ଅବଗତ

କରାଇଥିଲେ। ଏହାପରେ ବାଚସ୍ପତି ୧୧ ଟା ୪୫ ରୁ ଅପରାହ୍ଣ ୪ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହି ଅଧିବେଶନ ଆସନ୍ତାମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ୍ ୧୯ଟି କାର୍ଯ୍ୟଦିବସ ରହିଛି । ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଏବଂ ୧୦ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବାର କାର୍ଯ୍ୟସୂଚୀ ରହିଛି। ୧୨ ତାରିଖ ଏବଂ ୧୩ ତାରିଖ ବେସରକାରୀ ସଭ୍ୟ କାର୍ଯ୍ୟସିବସ ରହିଛି।

ସୂଚନାଯୋଗ୍ୟ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

## ବିଧାନସଭା-ବନ୍ୟପ୍ରାଣୀ ଗଣନା

ରାଜ୍ୟରେ ସମ୍ପ୍ରତି କରାଯାଇଥିବା ପଶୁ, ପକ୍ଷୀ ଏବଂ ବନ୍ୟପ୍ରାଣୀ ଗଣନାରୁ ମହାନଦୀରେ ୧୪ଟି ଘଡିଆଳ କୁମ୍ଭୀର ରହିଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଭିତରକନିକାରେ ୧ ହଜାର ୮୫୦ଟି ବଉଳା କୁମ୍ଭୀର, ସାତକୋଶିଆରେ ୯୭, ଶିମିଳିପାଳରେ ୭୬ ଏବଂ ଘୋଡାହାଡ ଡ୍ୟାମ୍‌ରେ ୮୪ଟି ଗୋମୁହାଁ କୁମ୍ଭୀର ଅଛନ୍ତି। ଏହି ଗଣନା ଅନୁଯାୟୀ, ସମଗ୍ର ରାଜ୍ୟରେ ୨ ହଜାର ୯୮ଟି ହାତୀ ଏବଂ ୨୭ଟି ବାଘ ଅଛନ୍ତି। ପକ୍ଷୀଗଣନା ତଥ୍ୟ ଆଧାରରେ, ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଚିଲିକା

ହ୍ରଦରେ ୧୦୮ ପ୍ରଜାତିର ୧୦ ଲକ୍ଷ ୯୯ ହଜାର, ଭିତରକନିକାରେ ୧୨୧ ପ୍ରଜାତିର ୧ ଲକ୍ଷ ୫୧ ହଜାର ଏବଂ ହୀରାକୁଦରେ ୧୪୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ବିଦେଶାଗତ ପକ୍ଷୀ ଅଛନ୍ତି। ଚିଲିକା ସହ ରାଜ୍ୟର ସାମୁଦ୍ରିକ ଅଂଚଳରେ ୭୪୨ଟି ଡଲ୍‌ଫିନ୍ ଥିବା ସେ କହିଛନ୍ତି।

ସେହିଭଳି ଗହୀରମଥାରେ ଥିବା ଅଲିଭ୍ ରିଡ୍‌ଲେ କଇଁଛଙ୍କ ସଂଖ୍ୟା ୩ ଲକ୍ଷରୁ ଅଧିକ ହେବ ବୋଲି ସେ କହିଛନ୍ତି। ତେବେ ଋଷିକୂଲ୍ୟା ମୁହାଣରେ ଅଲିଭ୍ ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ ପ୍ରକ୍ରିୟା ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବିଧାନସଭା-ବନୀକରଣ

ରାଜ୍ୟରେ ବନୀକରଣ କାର୍ଯ୍ୟ କେବଳ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ସମ୍ପନ୍ନ ହୋଇଥାଏ ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଚାରାରୋପଣ ପରେ ୩ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଭାଗ ବହନ କରିଥାଏ। ବନୀକରଣ ନିମନ୍ତେ ଅନ୍ୟ କୌଣସି ସରକାରୀ ବିଭାଗ କିମ୍ବା ବେସରକାରୀ ସଂଗଠନକୁ ନିୟୋଜିତ କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଚଳିତ ଆର୍ଥିକବର୍ଷରେ ମୋଟ୍ ୫୧ଟି ବନଖଣ୍ଡରେ ବିଭିନ୍ନ ବନୀକରଣ ଯୋଜନା ମାଧ୍ୟମରେ ମୋଟ୍ ୨ କୋଟି ୧୬ଲକ୍ଷ ୬୨ ହଜାର ଚାରାରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

# ଗଭ୍ ହସ୍ପିଟାଲ ଲେଟର

ଦେଶର ସମସ୍ତ କେନ୍ଦ୍ରୀୟ ହସ୍ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକସ୍ଥଳେ ଅଧିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିକଟକୁ ଏ ନେଇ ପତ୍ର ଲେଖାଯାଇଛି । କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି। ସେହିଭଳି ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି କ୍ୟାମେରା ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି।

# ବିଶ୍ୱ ମଶା ଦିବସ

ସାର୍ ରୋନାଲ୍ଡରସ୍ ୧୮୯୭ ମସିହା ଆଜିର ଦିନରେ ତାଙ୍କର ଆବିଷ୍କାର ଦ୍ୱାରା ବିଶ୍ୱବାସୀଙ୍କୁ ଜଣାଇଥିଲେ, ମାଇ ଏନୋଫିଲିସ୍ ମଶା କାମୁଡିଲେ ମେଲେରିଆ ରୋଗ ହୋଇଥାଏ। ସାର୍ ରୋନାଲ୍ଡରସ୍ଙ୍କର ଅବଦାନକୁ ମନେପକାଇବା ପାଇଁ ଆଜି ବିଶ୍ୱ ମଶା ଦିବସ ପାଳନ କରାଯାଉଛି । ରୋନାଲ୍ଡରସ୍ଙ୍କର ଏହି ଆବିସ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା । ମଶା କାମୁଡାଜନିତ ପରିସ୍ଥିତି ଏବଂ ଏ ସଂକ୍ରାନ୍ତ ରୋଗ ସଂକ୍ରମଣକୁ ପ୍ରତିରୋଧ କରିବା ବିଷୟରେ

ଲୋକମାନଙ୍କୁ ସଚେତନ କରାଇବା ନେଇ ବିଶ୍ୱ ମଶା ଦିବସ ପାଳନର ମୂଳ ଲକ୍ଷ୍ୟ ।

ଆସନ୍ତା ୨୦୩୦ ମସିହା ଶେଷ ସୁଦ୍ଧା ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଆଧାରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପକ୍ଷରୁ ଓଡ଼ିଶାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦର୍ଶାଯାଇଛି। ରାଜ୍ୟର ମୋଟ ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ୮୪ ପ୍ରତିଶତରୁ ଅଧିକ ୭ଟି ଜିଲ୍ଲା ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବୌଦ୍ଧ, ମୟୂରଭଞ୍ଜ ଏବଂ କନ୍ଧମାଳରେ ଚିହ୍ନଟ ହୋଇଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ଏହି ୭ଟି ଜିଲ୍ଲାରେ ୨୭ ହଜାର ୬୮୪ ଜଣ ମ୍ୟାଲେରିଆ ରୋଗୀ ଅଛନ୍ତି। ଗତମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୩୨ ହଜାର ୬୭୬ ମ୍ୟାଲେରିଆ ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ ରାୟଗଡ଼ାରୁ ସର୍ବାଧିକ ୬ ହଜାର ୮୮ ମ୍ୟାଲେରିଆ ଆକ୍ରାନ୍ତ ଅନ୍ତର୍ଭୁକ୍ତ। ଚଳିତ ବର୍ଷ ମ୍ୟାଲେରିଆ ରୋଗରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଉପକୂଳ ଜିଲ୍ଲାଗୁଡ଼ିକରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ଅନ୍ୟ ଜିଲ୍ଲାଗୁଡ଼ିକ ତୁଳନାରେ କମ୍ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ପ୍ରାୟ ୨ ହଜାର ଥିବା କୁହାଯାଇଛି। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ପ୍ରାୟ ୫୦୦

ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼, ରାଉରକେଲା, ବଲାଙ୍ଗିର, କଟକ ସହରଗୁଡ଼ିକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।

## ବିଷାକ୍ତ ମଦ

ଗଞ୍ଜାମ ଜିଲ୍ଲା ଚିକିଟିଠାରେ ବିଷାକ୍ତ ମଦ୍ୟପାନ ଯୋଗୁଁ ୨୦ ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ମାଉନ୍ଦପୁର ଓ କରବାଲୁଆ ଗ୍ରାମର ଏହି ଲୋକମାନେ ଏକ ଦେଶୀ ଭାଟିରେ ମଦ୍ୟପାନ କରିଥିବା ଜଣାପଡିଛି। ଏହି ଘଟଣାର ତଦନ୍ତ ଆରମ୍ଭ ହେବା ସହ ୪ ଜଣଙ୍କୁ ପୁଲିସ୍ ଗିରଫ କରି ପଚରାଉଚରା କରୁଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି....

# - V/O –

## ସ୍ନାତକୋତ୍ତର-ମେଧା ତାଲିକା

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆଜି ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ତାଲିକାଭୁକ୍ତ ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୨୪ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଚଳିତମାସ ୩୧ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ।

ଆସନ୍ତା ସେପ୍ଟେମ୍ବର ମାସ ୧୮ ତାରିଖରୁ ସ୍ନାତ୍ତକୋତ୍ତର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ  ଜଣାପଡିଛି ।

## କୋଷଗୁମୁଡା ବନ୍ଦ ପାଳନ

**ନବରଙ୍ଗପୁର** ଜିଲ୍ଲା କୋଷଗୁମୁଡା ବ୍ଲକ ସଦର ମହକୁମାଠାରେ କୋର୍ଟ ପ୍ରତିଷ୍ଠା ଦାବି କରି  କୋଷଗୁମୁଡା ଅଂଚଳ ବିକାଶ ପରିଷଦ ପକ୍ଷରୁ ଆଜି ବନ୍ଦ ଡାକରା ଦିଆଯାଇଛି । ବିକାଶ ପରିଷଦ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତୀକ ଅନଶନ ଘୋଷଣା ପରେ ଆଜି କୋଷାଗୁମୁଡାଠାରେ ବନ୍ଦ ପାଳନ କରାଯାଇଛି । ଫଳରେ ସେଠାରେ ସମସ୍ତ ଦୋକାନ ବଜାର, ଏବଂ ଯାନବାହାନ ଚଳାଚଳ ବନ୍ଦ ରହିଛି ।

ସୂଚନାଯୋଗ୍ୟ, ଗତ ୨୦୧୭ ଜୁଲାଇ ମାସରେ କୋଷାଗୁମୁଡା ବ୍ଲକ ମୁଖ୍ୟାଳୟଠାରେ ନୂତନ ଜେଏମଏଫସି କୋର୍ଟ ସ୍ଥାପନ ନିମନ୍ତେ ବିଜ୍ଞପ୍ତି ଜାରି ହୋଇଥିଲା । କିନ୍ତୁ ଗତମାସରେ ଏକ ନୂତନ ବିଜ୍ଞପ୍ତି ମାଧ୍ୟମରେ ଜେଏମଏଫସି କୋର୍ଟ କାଷାଗୁମୁଡା ପରିବର୍ତ୍ତେ କୋଡିଙ୍ଗାଠାରେ ସ୍ଥାପନ ନେଇ ସୂଚନା ଦିଆଯାଇଥିଲା । ଏହାର ପୁନର୍ବିଚାର ଦାବିକରି କୋଷାଗୁମୁଡାଠାର ଏହି ଆନ୍ଦୋଳନ ଚାଲିଛି ।

## ବନକଲାଗି ନୀତି

ଭାଦ୍ରବ କୃଷ୍ଣ ତୃତୀୟା ତିଥି ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆସନ୍ତାକାଲି ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ

ବନକଲାଗି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ । ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର କୋଲକାତାସ୍ଥିତ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆଜି ସନ୍ଧ୍ୟାରେ କଟକ କଳାବିକାଶ କେନ୍ଦ୍ରଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧିନରେ ଆୟୋଜିତ କଳାକ୍ରାନ୍ତି ଶୀର୍ଷକ ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଏବଂ ଓଡ଼ିଶାର ନୃତ୍ୟଶିଳ୍ପୀମାନେ ଲୋକନୃତ୍ୟ ପରିବେଷଣ କରିବେ ।

# ପାଣିପାଗ

ଦକ୍ଷିଣ ବାଂଲାଦେଶ ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଛି । ହୀରାକୁଦରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୯୨ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ ପ୍ରବଳ ବର୍ଷା ନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******************************